Click Here & Upgrade
Expanded Features
Unlimited Pages
PDF Complete



# ପ୍ରତ୍ନତତ୍ତ୍ୱବିତ୍ ମନମୋହନ ଚକ୍ରବର୍ତ୍ତୀ
# ଏକ ଅବିସ୍ମରଣୀୟ ପ୍ରତିଭା

ଗୋବର୍ଦ୍ଧନ ଦୋରା

ମନମୋହନ ଚକ୍ରବର୍ତ୍ତୀ ଶିକ୍ଷାବିତ୍ ଦ୍ୱାରିକାନାଥ ଚକ୍ରବର୍ତ୍ତୀଙ୍କ ପୁତ୍ର । ଦ୍ୱାରିକାନାଥଙ୍କ ଜନ୍ମ ଅବିଭକ୍ତ ବଙ୍ଗଳାର ୨୪ ପ୍ରଗଣା ଜିଲ୍ଲାର କାଠୋର ଗ୍ରାମରେ । ସେ ୧୮୬୧ ମସିହାରେ ପୁରୀ ଜିଲ୍ଲା ସ୍କୁଲରେ ଆସିଷ୍ଟାଣ୍ଟ ହେଡମାଷ୍ଟର ହିସାବରେ ଯୋଗଦାନ କରିଥିଲେ । ୧୮୬୯ରେ ସେ କଟକ ଟ୍ରେନିଂ ସ୍କୁଲରେ ଯୋଗ ଦେଇ ଚାକିରି ଶେଷ ପର୍ଯ୍ୟନ୍ତ (୧୮୯୩) ସେଠାରେ ହେଡ଼ମାଷ୍ଟର ହିସାବରେ ଥିଲେ । ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ବେଳେ ଯେତେବେଳେ ସ୍କୁଲମାନଙ୍କରେ ପିଲାଙ୍କ ପଢ଼ିବା ନିମିତ୍ତ ବହୁତ ଓଡ଼ିଆ ପାଠ୍ୟପୁସ୍ତକର ଘୋର ଅଭାବ ଥିଲା, ସେତେବେଳେ ଦ୍ୱାରିକାନାଥ ଅନେକଗୁଡ଼ିଏ ବହି ଲେଖିଥିଲେ ଏବଂ ସେଗୁଡ଼ିକ ହେଲା - ସରଳ ଭୂଗୋଳ, ଓଡ଼ିଶାର ଭୂଗୋଳ ବିବରଣୀ, ଶିକ୍ଷା ବିଧାନ, ଜଡ଼ ବିଜ୍ଞାନ ଓ କ୍ଷେତ୍ର ପରିମାଣ ।

ମନମୋହନଙ୍କ ଜନ୍ମ ୧୮୬୩ ମସିହା ଅକ୍ଟୋବର ମାସରେ । ସେ ୧୮୭୮ରେ ରେଭେନ୍ସା କଲେଜିଏଟ୍ ସ୍କୁଲରୁ ପ୍ରଥମ ଶ୍ରେଣୀରେ ଏଣ୍ଟ୍ରାସ ପାଶ୍ କରି ବିମସ ମେଡାଲ ପାଇଥିଲେ । ୧୮୮୨ ମସିହାରେ ରେଭେନ୍ସା କଲେଜରୁ ବି.ଏ. ପରୀକ୍ଷାରେ ୭ ଜଣ ଛାତ୍ରଙ୍କ ମଧ୍ୟରୁ ୫ ଜଣ ବି.ଏ. ପାଶ୍ କରିଥିଲେ, ସେଥିରେ ମନମୋହନ ଥିଲେ ଅନ୍ୟତମ । ସେ ଏକା ହିଁ ପ୍ରଥମ ଶ୍ରେଣୀରେ ପାଶ୍ କରିଥିଲେ ଏବଂ ୧୮୮୬ରେ ବି.ଏଲ୍. ପାଶ୍ କରି ଡେପୁଟି ମାଜିଷ୍ଟ୍ରେଟ୍ ହୋଇଥିଲେ । ପରେ ବିଜ୍ଞାନରେ ସେ ଏମ୍.ଏ. ଡିଗ୍ରୀ ଲାଭ କରିଥିଲେ ।

ତାଙ୍କର କର୍ମମୟ ଜୀବନ ଭିତରେ ମାର୍ଚ୍ଚ ୧୮୮୬ରୁ ୧୮୮୭ ମାର୍ଚ୍ଚ ପର୍ଯ୍ୟନ୍ତ କଟକରେ ଏବଂ ତା'ପରେ ଏହି ସମୟଠାରୁ ୧୮୯୧ ଡିସେମ୍ବର ଯାଏଁ ପୁରୀରେ ଏବଂ ଏହିଠାରୁ ୧୮୯୭ ଜୁନ୍ ପର୍ଯ୍ୟନ୍ତ ଯାଜପୁରରେ କାର୍ଯ୍ୟ କରିଥିଲେ । ଓଡ଼ିଶାରେ ରହି ଏହି ୧୧ ବର୍ଷ କାର୍ଯ୍ୟକାଳ ଭିତରେ ସରକାରୀ କାମ ନିଷ୍ଠାର ସହ ତୁଲାଇବା ସଂଗେ ସଂଗେ ଓଡ଼ିଶାର ଐତିହାସିକ, ପ୍ରତ୍ନତତ୍ତ୍ୱ ଓ ସାହିତ୍ୟିକ ପ୍ରବନ୍ଧମାନ ଲେଖିଥିଲେ । ସେ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀଧାରୀ ପାଇ ମଧ ଇତିହାସରେ ତାଙ୍କର ଝୁଙ୍କ ଥିଲା । ଏହି ଐତିହାସିକ କାର୍ଯ୍ୟ ପାଇଁ ସେ ଚିରସ୍ମରଣୀୟ ହୋଇ ରହିଛନ୍ତି ଏବଂ ରହିବେ ମଧ ।

ପୁରୀରେ ଡେପୁଟି ମାଜିଷ୍ଟ୍ରେଟ୍ ଥାଇ ପୁରୀ ଜଗନ୍ନାଥ ମନ୍ଦିରରେ ବ୍ୟବହୃତ ହେଉଥିବା ଅଳଙ୍କାରଗୁଡ଼ିକ ତନଖି କରି ସେ ପ୍ରଥମେ ୧୪୬୬ ମସିହାରେ ପ୍ରକାଶ କରିଥିଲେ, ବ୍ୟବହୃତ ହେଉଥିବା କିଛି ଅଳଙ୍କାର ବିଷୟରେ । ୧୮୯୮ରେ Asiatic Society of Bengalରେ ତାଙ୍କର ନିବନ୍ଧ 'A Systematic History of Oriya Language and Literature' (pp.332-386) ପ୍ରକାଶ ପାଇଲା । ୧୯୦୩ରେ 'Chronology of Estern Ganga Kings of Orissa.' ପ୍ରକାଶ ପାଇଥିଲା । ଉକ୍ତ ୫୦ ପୃଷ୍ଠା ବ୍ୟାପୀ ପ୍ରବନ୍ଧ ଲେଖିବା ପାଇଁ ତାଙ୍କୁ ଦୀର୍ଘ ୧୦ ବର୍ଷ କାଳ ପରିଶ୍ରମ କରିବାକୁ ପଡ଼ିଥିଲା । ତାଙ୍କର ୨୭ଟି ନିବନ୍ଧ Asiatic Society Journalରେ ଏବଂ ଦୁଇଟି ବିହାର ଓ ଓଡ଼ିଶା ଅନୁସନ୍ଧାନ ସମିତି ପତ୍ରିକାରେ ଏବଂ ଦୁଇଟି Royal Asiatic Society, Londonରେ ପ୍ରକାଶ ପାଇଛି ।

ସେ ମନ୍ଦିରମାନଙ୍କର ଶିଳାଲିପି ଏବଂ ତାମ୍ର ଫଳକ ପାଠ କରି ଓଡ଼ିଶାର ଇତିହାସକୁ ବିଜ୍ଞାନାନୁମୋଦିତ କରାଇ ଉପସ୍ଥାପିତ କରିଛନ୍ତି ।

ଭୁବନେଶ୍ୱର ଶିଳାଲିପି ଉପରେ ୧୮୯୨ରେ ପଠିତ ପ୍ରବନ୍ଧଟି ୧୮୯୩ Asiatic ପତ୍ରିକାରେ ଏବଂ ୧୮୯୧ରେ ପଠିତ ପ୍ରବନ୍ଧ 'ନରସିଂହ ଦେବ ଚତୁର୍ଥ ଏବଂ ଶୁଲ୍‌କୀ ବଂଶୀୟ ତମ୍ବାପଟା' ଉପରେ ଲିଖିତ ପ୍ରବନ୍ଧ ୧୮୯୫ରେ Asiatic Society ପତ୍ରିକାରେ ପ୍ରକାଶ ପାଇଥିଲା । ମନମୋହନ ଚକ୍ରବର୍ତ୍ତୀ ନରସିଂହ ଦେବ ଚତୁର୍ଥଙ୍କର ପୁରୀର ଗୋଟିଏ ମଠରୁ ଦୁଇଟି ତମ୍ବାପଟା ପାଇ ସେଗୁଡ଼ିକର ପାଠୋଦ୍ଧାର କରିଥିଲେ । ତମ୍ବାପଟାଗୁଡ଼ିକରୁ ମିଳୁଥିବା ଚୋଡ଼ଗଙ୍ଗ ଦେବଙ୍କଠାରୁ ଆରମ୍ଭ କରି ଗଙ୍ଗବଂଶୀୟ ରାଜାମାନଙ୍କର ପୁରୁଷାନୁକ୍ରମିକ ନାମ ସହିତ ମାଦଳାପାଞ୍ଜିରୁ ମିଳୁଥିବା ଗଙ୍ଗବଂଶୀୟ ରାଜାମାନଙ୍କର ନାମରେ ସାମ୍ୟ ନଥିବାରୁ ମାଦଳାପାଞ୍ଜିର ଐତିହାସିକତା ପ୍ରତି ତାଙ୍କର ସନ୍ଦେହ ପୂର୍ଣ୍ଣମାତ୍ରାରେ ହୋଇଥିଲା । ତେଣୁ ସେ ତାଙ୍କର ନିଜର ମତ ନିମ୍ନୋକ୍ତ ଭାବରେ Asiatic Society ପତ୍ରିକାରେ ପ୍ରକାଶ କରିଥିଲେ ।

Click Here & Upgrade
Expanded Features
Unlimited Pages
PDF Complete



'ଷ୍ଟାର୍ଲିଂ ପ୍ରିନ୍‌ସେପ, ହଣ୍ଟର ଓ ରାଜେନ୍ଦ୍ରଲାଲ ମିତ୍ରଙ୍କ ଗବେଷଣା ସତ୍ତ୍ୱେ ଓଡ଼ିଶାର ଇତିହାସ ଅଦ୍ୟାପି ତମସାଚ୍ଛନ୍ନ ରହିଅଛି । ଏସବୁ ଲେଖାର ମାଦଳାପାଞ୍ଜି ଏକମାତ୍ର ଉପକରଣ । ମାଦଳାପାଞ୍ଜି ଅତ୍ୟନ୍ତ ଆପଦପୂର୍ଣ୍ଣ ଓ ଭ୍ରାନ୍ତିମୂଳକ ଲେଖା । କାରଣ ଏହା ଅସନ୍ତୋଷ ଜନକ, ଅସଂଗତ ଭାବରେ ବିସ୍ତୃତ ଓ ସ୍ଥଳ ବିଶେଷରେ ପରସ୍ପର ବିରୋଧୀ କିମ୍ବଦନ୍ତୀ ଉପରେ ଲିଖିତ ହୋଇଅଛି । (ଏ.ସୋ. ୧୮୯୨, ପୃ.୧୪୦-୧୪୧)

୧୮୯୪ରେ Annual Report of the 'South Indian Inscription' ପ୍ରକାଶ ପାଇଲା । ଏଥିରେ ଓଡ଼ିଶାର ଗଙ୍ଗରାଜାମାନଙ୍କର ସମୟରେ ଲିଖିତ ମୁଖଲିଙ୍ଗମ୍, ଶ୍ରୀକୂର୍ମ ଓ ସିଂହାଚଳମ୍ ମନ୍ଦିରଗୁଡ଼ିକରେ ଥିବା ଲିପି ସମୂହ ମୁଦ୍ରିତ ହୋଇଥିଲା । ଏହି ଲିପିଗୁଡ଼ିକର ସାହାଯ୍ୟରେ ଗଙ୍ଗବଂଶୀୟ ତମ୍ବାପଟାଗୁଡ଼ିକରୁ ମିଳୁଥିବା ରାଜାମାନଙ୍କର ନିର୍ଣ୍ଣିତ ରାଜତ୍ୱକାଳ ଓ ନାମ ଦ୍ୱାରା ମାଦଳାପାଞ୍ଜିରେ ମିଳୁଥିବା ଗଙ୍ଗରାଜାମାନଙ୍କ ରାଜତ୍ୱକାଳ କୃତ୍ରିମ ବୋଲି ପ୍ରମାଣିତ ହେଲା । ସେ ୧୯୦୩ରେ ପ୍ରକାଶ ପାଇଥିବା ନିବନ୍ଧରେ ପ୍ରମାଣ କରି ଦେଲେ ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱକାଳ ୧୦୭୬ରୁ ୧୧୪୭ A.D. । ଓଡ଼ିଆ ସାହିତ୍ୟର ଗବେଷଣା କ୍ଷେତ୍ରରେ ତାଙ୍କର ଦାନ କିଛି କମ୍ ନୁହେଁ । ତାଳପତ୍ର ପୋଥି ପାଠ କରି ବିଭିନ୍ନ ପ୍ରାଚୀନ ସାହିତ୍ୟିକଙ୍କ ସମୟ ଏବଂ ତାଙ୍କ ରଚନା କାଳ ନିର୍ଣ୍ଣୟ କରିଅଛନ୍ତି । କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ପ୍ରଥମ ଆବିଷ୍କାରକ ହେଲେ ମନମୋହନ ଚକ୍ରବର୍ତ୍ତୀ । ସେ ଦୀକ୍ଷିତପଡ଼ା ଯାଇ କବିଙ୍କର କିଛି ତାଳପତ୍ର ଲେଖା ରଚନା ହସ୍ତଗତ କରିଥିଲେ । ଗ୍ରନ୍ଥ ରଚନାର ସଂଖ୍ୟା ଦୃଷ୍ଟିରୁ ସଦାନନ୍ଦ ଉପେନ୍ଦ୍ର ଭଞ୍ଜଙ୍କ ତଳେ । ପଣ୍ଡିତ ବିନାୟକ ମିଶ୍ରଙ୍କ ଲିଖିତ 'ଓଡ଼ିଆ ସାହିତ୍ୟର ଇତିହାସ' (ପ୍ରଥମ ମୁଦ୍ରଣ ୧୯୨୨) ୧୧୪ ପୃଷ୍ଠାରେ ଲେଖାଅଛି 'ସ୍ୱର୍ଗୀୟ ମନମୋହନ ଚକ୍ରବର୍ତ୍ତୀ ସାଧୁକବି ସଦାନନ୍ଦଙ୍କ ପରିଚୟ ପ୍ରଥମେ ସଂଗ୍ରହ କରିଥିଲେ । ଓଡ଼ିଶାର ଇତିହାସ ଗବେଷଣାରେ ଚକ୍ରବର୍ତ୍ତୀ ମହାଶୟ ପଥପ୍ରଦର୍ଶକ ଅଟନ୍ତି ।'

ମନମୋହନ ଚକ୍ରବର୍ତ୍ତୀ ମାତ୍ର ୫ ବର୍ଷର ଚାକିରି ପରେ ଏହି ଗବେଷଣା ଯୋଗୁଁ ୧୮୯୦ ମସିହାରେ Asiatic Society of Bengalର ସଭ୍ୟ ହୋଇପାରିଥିଲେ ଏବଂ ୧୯୧୨ ମସିହାରେ ସୋସାଇଟିର ଫେଲୋ ରୂପେ ନିର୍ବାଚିତ ହୋଇଥିଲେ । ଦୀର୍ଘ ୨୦ ବର୍ଷ କାଳ ଏହି ଅନୁଷ୍ଠାନର ପତ୍ରିକାରେ ତାଙ୍କର ବହୁ ଗବେଷଣାପୂର୍ଣ୍ଣ ପ୍ରବନ୍ଧ ମୁଦ୍ରିତ ହୋଇଥିଲା ।

ସେ ୧୯୧୪ରେ ରାୟବାହାଦୂର ଉପାଧି ପାଇଥିଲେ । ମାତ୍ର ୫୬ ବର୍ଷ ବୟସରେ ୧୯୧୯ ସେପ୍ଟେମ୍ବର ୧୫ ତାରିଖରେ ଏହି ବିଖ୍ୟାତ ଶାସକ, ଗବେଷକ ତଥା ପଣ୍ଡିତଙ୍କ ଜୀବନ ଦୀପ ଲିଭିଗଲା । ଓଡ଼ିଶାର ବୁଦ୍ଧିଜୀବୀ, ସାହିତ୍ୟିକ ତଥା ଐତିହାସିକ ମହଲରେ ତାଙ୍କର ସ୍ମୃତି ଚିର ଭାସ୍ୱର ହୋଇ ରହିବ ।

**ସହାୟକ ଗ୍ରନ୍ଥ**


୧. ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ, ଲେଖକ- ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ପ୍ରକାଶ- ୧୯୬୯ ।

୨. ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ଏକ ଅଧ୍ୟୟନ, ଲେଖିକା- ଡଃ ଶାରଦା କୁମାରୀ ମହାନ୍ତି, ପ୍ରକାଶ-୧୯୯୭ ।

୩. Thesaurus of Events & Dates of Orissa, Author- Gobardhan Dora, Published-2003.


ଏଲ୍.-୧୮୪, ଫକୀରମୋହନ ନଗର
ବରମୁଣ୍ଡା, ଭୁବନେଶ୍ୱର-୩

## ଜନଶ୍ରୀ ବୀମା ଯୋଜନା

କେନ୍ଦ୍ରୀୟ ସହାୟତା ଯୋଜନା ଅନ୍ତର୍ଗତ ବୀମା ଯୋଜନା କାର୍ଯ୍ୟକ୍ରମରେ ଆଦିମ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ ୨୦୦୪-୦୫ ଆର୍ଥିକ ବର୍ଷରେ ୧୨.୫୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି ଟଙ୍କା ଦ୍ୱାରା କାର୍ଯ୍ୟକ୍ଷମ ତିନିଗୋଟି 'ମାଇକ୍ରୋ ପ୍ରୋଜେକ୍ଟ' ଅଂଚଳରେ ବସବାସ କରୁଥିବା ୨୫୦୦ ଗୋଟି ଆଦିମ ଆଦିବାସୀ ପରିବାରକୁ ଜୀବନବୀମା ନିଗମ ମାଧ୍ୟମରେ ବୀମା ସୁବିଧା ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି ।

ଏହି ବୀମା ଯୋଜନା ପ୍ରତି କୋରାପୁଟ ଅଂଚଳ ଆଦିମ ଆଦିବାସୀମାନେ ଅଧିକ ଉତ୍ସାହିତ ବୋଲି ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ସୂତ୍ରରୁ ପ୍ରକାଶ ।